

# ଛତୁ:ଏକ ଅର୍ଥକାରୀ ଫସଲ

ଆଲେଖ୍ୟ: ଶ୍ରୀମତୀ ଶୁଭଶ୍ରୀ ସାହୁ
ଡ. ଅମିତାଭ ପଣ୍ଡା
ଶ୍ରୀ ସ୍ୱରାଜ ମେହେର
ସଂପାଦନା: ଡ. ଅମିତାଭ ପଣ୍ଡା
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

କୃଷି ବିଜ୍ଞାନ କେନ୍ଦ୍ର, କଳାହାଣ୍ଡି
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

# ଛତୁ : ଏକ ଅର୍ଥକାରୀ ଫସଲ

ଓଡ଼ିଶାର ପଶ୍ଚିମାଞ୍ଚଳରେ ଅବସ୍ଥିତ କଳାହାଣ୍ଡି ଜିଲ୍ଲା। ରାଜଧାନୀ ଭୁବନେଶ୍ୱର ଠାରୁ ପ୍ରାୟତଃ ୫୦୦ କିଲୋମିଟର ଦୂରରେ ଅବସ୍ଥିତ। ଜିଲ୍ଲାରେ ୧୮ ପ୍ରତିଶତ ଅନୁସୂଚିତ ଜାତି ଓ ୨୮ ପ୍ରତିଶତ ଅନୁସୂଚିତ ଜନଜାତିର ଲୋକ ବାସ କରିଥାନ୍ତି। ଜିଲ୍ଲାର ମୁଖ୍ୟ ଫସଲ ଧାନ, କପା, ମୁଗ, ମକା, ମାଣ୍ଡିଆ, କାନ୍ଦୁଲ ଓ ବାଇଗଣ ଚାଷ ଇତ୍ୟାଦି। ମାତ୍ର ଅନୁସୂଚିତ ଜାତି ଲୋକମାନଙ୍କର ଚାଷ ଜମି ପ୍ରାୟତଃ ନଥିବାରୁ ସେମାନେ ମୁଖ୍ୟତଃ କୁକୁଡ଼ା, ବତକ, ଛେଳି, ମେଣ୍ଢା ଇତ୍ୟାଦି ପଶୁପାଳନ, ଉତ୍ପାଦିତ କୃଷିଜାତ ଦ୍ରବ୍ୟ ଗୁଡିକର ବିକ୍ରୀବଟା କରି ଜୀବିକା ନିର୍ବାହ କରିଥାନ୍ତି। ଛତୁଚାଷକୁ ଦୃଷ୍ଟିରେ ରଖିଲେ ଦେଖାଯାଏ କି ଉକ୍ତ ଜିଲ୍ଲାରେ ଛତୁଚାଷ ପାଇଁ ମୁଖ୍ୟତଃ ପାଳ ଉପଲବ୍ଧ ହୋଇଥାଏ। କାରଣ ଏଠାକାର ଚାଷୀମାନେ ଧାନ ଅମଳ ପାଇଁ ଥ୍ରେସର୍ କିମ୍ବା କମ୍ବାଇନ୍ ହାର୍ଭେଷ୍ଟର୍ ବ୍ୟବହାର କରିଥାନ୍ତି। ଅମଳ ପରେ ପରେ ପାଳ ଗୁଡିକୁ ବିଲରେ ପୋଡି ଦିଅନ୍ତି ଏବଂ ଅଳ୍ପ କିଛି ଗଚ୍ଛିତ ରଖନ୍ତି ଗୃହପାଳିତ ପଶୁମାନଙ୍କ ପାଇଁ। କାରଣ ସେମାନେ ଧାନ ପରେ ଡାଲି ଚାଷକୁ ପ୍ରାଧାନ୍ୟ ଦେଇଥାନ୍ତି। ଜିଲ୍ଲାର ଜଳବାୟୁ ପାଳଛତୁ, ଦୁଧଛତୁ, ଧିଙ୍ଗିରୀଛତୁ ଚାଷପାଇଁ ଅନୁକୂଳ ଥିବା ସତ୍ତ୍ୱେ ଚାଷୀମାନେ ମୁଖ୍ୟତଃ ବର୍ଷାଦିନେ ପାଳଛତୁ ଚାଷକୁ ଅଧିକ ପ୍ରାଧାନ୍ୟ ଦେଇଥାନ୍ତି। ସ୍ଥାନୀୟ ବଜାରରେ ପାଳଛତୁର କିଲୋପ୍ରତି ଦର ୩୦୦-୩୫୦ ଟଙ୍କା ରହୁଥିବା ବେଳେ ଧିଙ୍ଗିରୀଛତୁର ଦର ୧୦୦-୧୫୦ ଟଙ୍କା। ତେବେ ସ୍ୱଳ୍ପ ଖର୍ଚ୍ଚରେ ଅଧିକ ଲାଭ ହେଉଥିବା ଉକ୍ତ ଅର୍ଥକାରୀ ତଥା ଜୈବିକ ଫସଲ ଚାଷଟିକୁ ଆଗେଇ ନେବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, କଳାହାଣ୍ଡି ତରଫରୁ ମାଗଣାରେ ତାଲିମ କାର୍ଯ୍ୟକ୍ରମ, ଆଗୁଆଧାଡି କ୍ଷେତ୍ର ପ୍ରଦର୍ଶନୀ, କ୍ଷେତ୍ର ପରୀକ୍ଷଣ, କ୍ଷେତ୍ର ପରିଦର୍ଶନ, କୃଷକ ମେଳା, ଅନୁସୂଚିତ ଜାତି ଉପଯୋଜନା ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମରେ ଛତୁମଞ୍ଜି, ପଲିଥିନ୍, ଛାୟାଗୃହ, ପାଳକଟା ଯନ୍ତ୍ର, ପତ୍ରିକା ବଣ୍ଟନ ଇତ୍ୟାଦି କାର୍ଯ୍ୟକ୍ରମ ମାଧ୍ୟମରେ ଚାଷୀମାନଙ୍କୁ ପ୍ରୋତ୍ସାହନ ଦିଆଯାଉଛି। ଜିଲ୍ଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପ୍ରୋତ୍ସାହିତ କରାଯାଉଛି, ଛତୁଚାଷ ଏବଂ ଏହାର ପ୍ରକ୍ରିୟାକରଣକୁ ଜୀବିକା ଭାବରେ ଗ୍ରହଣ କରିବାପାଇଁ। ତେବେ ଆସନ୍ତୁ ଆଲୋଚନା କରିବା ବ୍ୟବସାୟିକ ଭିତ୍ତିରେ ଚାଷ କରାଯାଇ ପାରୁଥିବା ଧିଙ୍ଗିରୀ ଓ ପାଳଛତୁର ଚାଷ ପ୍ରଣାଳୀ ବିଷୟରେ।

## ଛତୁଚାଷର ଆବଶ୍ୟକତା

୧. ଛତୁ ଏକ ସୁଗନ୍ଧଯୁକ୍ତ, ପୋଷଣଯୁକ୍ତ, ଔଷଧୀୟ ଗୁଣସମ୍ପନ୍ନ ସୁସ୍ୱାଦୁ ଖାଦ୍ୟ।

୨. ପରିବେଶ ପ୍ରଦୂଷଣ ମୁକ୍ତ ହେବା ସହିତ କୃଷି ବର୍ଜ୍ୟବସ୍ତୁର ସଦୁପଯୋଗ।

୩. ଚାଷ ପଦ୍ଧତି ଅତ୍ୟନ୍ତ ସହଜ ଓ ସରଳ।

୪. ଚାଷ ପାଇଁ ପାଣିର ଆବଶ୍ୟକତା ଖୁବ୍ କମ୍।

୫. ସ୍ୱଳ୍ପ ଖର୍ଚ୍ଚ, ସ୍ୱଳ୍ପ ସମୟରେ ଅଧିକ ଲାଭ ଦେଉଥିବା ଏକ ଅର୍ଥକରୀ ଫସଲ।

୬. ଯେକୌଣସି ମୁଖ୍ୟ ବ୍ୟବସାୟ କରିବା ସହିତ ଅବସର ସମୟରେ କରି ହେଉଥିବା ଏକ ଲାଭଜନକ ପାର୍ଶ୍ୱ ବ୍ୟବସାୟ।

୭. ସ୍ୱଳ୍ପଜମି ଥିବା ଏବଂ ଭୂମିହୀନ ଲୋକଙ୍କ ପାଇଁ ଏକ ଉତ୍ତମ ଧନ୍ଦାମୂଳକ କାର୍ଯ୍ୟକ୍ରମ।

୮. ମହିଳାମାନେ ସେମାନଙ୍କ ଅବସର ସମୟରେ ବାଡିଅଗଣାରେ ଛତୁଚାଷ କରିପାରୁଥିବାରୁ ମହିଳା ସଶକ୍ତିକରଣରେ ଏହା ଏକ ପ୍ରମୁଖ୍ୟ ଉଦ୍ୟୋଗ।

୯. ଛତୁଚାଷ ଏବଂ ଏହାର ଆନୁସଙ୍ଗିକ ଶିଳ୍ପ ଯଥା-ଛତୁମଞ୍ଜି ଉତ୍ପାଦନ, ଛତୁ ପ୍ରକ୍ରିୟାକରଣ ମାଧ୍ୟମରେ ନିଯୁକ୍ତି ଓ ଆତ୍ମନିଯୁକ୍ତିର ସୁଯୋଗ।

୧୦. ଛତୁ ଅମଳ ପରେ ବ୍ୟବହୃତ ପାଳକୁ ଜିଆଖତ ପ୍ରସ୍ତୁତିରେ ବ୍ୟବହାର କରି ଜୈବିକ ଫସଲ ଉତ୍ପାଦନରେ ବ୍ୟବହାର।

## ଧିଙ୍ଗିରୀଛତୁ ଚାଷ

କଳାହାଣ୍ଡି ଜିଲ୍ଲା ଜଳବାୟୁରେ ଧିଙ୍ଗିରୀ ଛତୁ ବା ଶାମୁକା ଛତୁ ଚାଷ ମୁଖ୍ୟତଃ ୪ ମାସ (ନଭେମ୍ବର ମାସ ଠାରୁ ଫେବ୍ରୁଆରୀ ମାସ ପର୍ଯ୍ୟନ୍ତ) କରାଯାଇପାରେ। ନିୟନ୍ତ୍ରିତ ପରିବେଶରେ ବର୍ଷର ଅନ୍ୟ ସମୟରେ ମଧ୍ୟ କରାଯାଇ ପାରିବ। ପାଳ ଛତୁ ଚାଷ ତୁଳନାରେ ଉକ୍ତ ଛତୁର ଉତ୍ପାଦିକତା ଯଥେଷ୍ଟ ଅଧିକ ଓ ଛତୁ ପ୍ରକ୍ରିୟାକରଣ ପାଇଁ ବେଶ୍ ଉପଯୁକ୍ତ।

## ଧିଙ୍ଗିରୀଛତୁର ବିଭିନ୍ନ କିସମ :

କିସମ ଗୁଡିକ ଯଥା: ପ୍ଲିଉରୋଟସ୍ ଇଓସ୍ (*Pleurotus eous*), ପ୍ଲିଉରୋଟସ୍ ସଜୋର-କାଜୁ (*Pleurotus sajor-caju*), ପ୍ଲିଉରୋଟସ୍ ଫ୍ଲୋରିଡା (*Pleurotus florida*), ପ୍ଲିଉରୋଟସ୍ ପଲ୍ମୋନାରିୟସ୍ (*Pleurotus pulmonarius*), ପ୍ଲିଉରୋଟସ୍ ସିଟ୍ରିନୋପାଇଲିଆଟସ୍ (*Pleurotus citrinopleatus*), ହିପ୍ସିଜାଇଗସ୍ ଅଲ୍ମାରିଅସ୍ (*Hypsizygus ulmarius*) ଇତ୍ୟାଦି କଳାହାଣ୍ଡି ଜିଲ୍ଲା ଜଳବାୟୁରେ ଚାଷ କରାଯାଇ ପାରେ। ଉକ୍ତ କିସମଗୁଡିକ ମଧ୍ୟରେ ହିପ୍ସିଜାଇଗସ୍ ଅଲ୍ମାରିୟସ୍‌ର ଜୈବଦକ୍ଷତା ଖୁବ୍ ଅଧିକ ଓ ସ୍ୱାଦିଷ୍ଟ ମଧ୍ୟ।


ହିପ୍ସିଜାଇଗସ୍ ଅଲ୍ମାରିଅସ୍


ପ୍ଲିଉରୋଟସ୍ ଇଓସ୍


ପ୍ଲିଉରୋଟସ୍ ଫ୍ଲୋରିଡା


ପ୍ଲିଉରୋଟସ୍ ସଜୋର-କାଜୁ


ପ୍ଲିଉରୋଟସ୍ ପଲ୍ମୋନାରିୟସ


ପ୍ଲିଉରୋଟସ୍ ସିଟ୍ରିନୋପାଇଲିଆଟସ୍

## ଆବଶ୍ୟକୀୟ ଜଳବାୟୁ

୧୨ ରୁ ୨୮ ° ସେଣ୍ଟିଗ୍ରେଡ଼ ତାପମାତ୍ରା, ୭୦ ରୁ ୮୦ ପ୍ରତିଶତ ଆର୍ଦ୍ରତା ରହିବା ଆବଶ୍ୟକ। ଅପେକ୍ଷାକୃତ କମ୍ ଆଲୋକ (୨୦୦ ଲକ୍ସ) ଏବଂ ବାୟୁ ଚଳାଚଳ କରିବା ସ୍ଥାନରେ ଧିଙ୍ଗିରୀ ଛତୁ ଅମଳ ଭଲ ହୋଇଥାଏ। ଛତୁ ବିହନ ପକାଇବା ଠାରୁ ୧୫ ଦିନ ପର୍ଯ୍ୟନ୍ତ ଆଲୋକ ପ୍ରାୟ ଦରକାର ହୋଇନଥାଏ।

## ଆବଶ୍ୟକୀୟ ସ୍ଥାୟୀ ଉପାଦାନ :



**ଛତୁ ଘର:** ଧିଙ୍ଗିରୀଛତୁ ଚାଷ ଆଂଶିକ ନିୟନ୍ତ୍ରିତ ପରିବେଶରେ (ଚାଳ ଛପର ଘର, ଆଜବେଷ୍ଟସ୍ ଘର, ଛାୟାଘର) କରାଯାଇପାରେ। ସ୍ୱଳ୍ପ ଖର୍ଚ୍ଚରେ ନଡିଆ ଡାଳ, ଖଜୁରୀ ଡାଳ, ତାଳ ବରଡା, ବାଉଁଶ, ନିଳଗିରି ଖୁଣ୍ଟ, ଝୋଟ ଅଖା ଇତ୍ୟାଦି ବ୍ୟବହାର କରି ଋତୁଭିତ୍ତିକ ଛତୁଘରଟିଏ କରି ବେଶ୍ ଲାଭବାନ ହୋଇପାରିବେ। ମାତ୍ର ୩୦୦ ବର୍ଗ ଫୁଟ୍ (୨୫ ଫୁଟ୍ ଲମ୍ବ ଓ ୧୨ ଫୁଟ୍ ଓସାର) ଘରେ ୩ଟି ଲେଖାଏଁ ଥାକକରି ବ୍ୟବସାୟିକଭିତ୍ତିରେ ୪୫ ଦିନରେ ୨୨୫ଟି ଧିଙ୍ଗିରୀଛତୁ ବ୍ୟାଗ ଚାଷ କରିପାରିବେ।

**ପାଳକଟା ଯନ୍ତ୍ର:** ଏହା ହସ୍ତଚାଳିତ କିମ୍ବା ବିଦ୍ୟୁତ୍ ଚାଳିତ।

**ପାଳବତୁରା କୁଣ୍ଡ:** ପାଳ ବତୁରାଇବା ପାଇଁ (୫ ଫୁଟ୍ ଲମ୍ବ x ୪ ଫୁଟ୍ ଓସାର x ୩ ଫୁଟ୍ ଉଚ୍ଚତା) ସିମେଣ୍ଟ କୁଣ୍ଡଟିଏ ଆବଶ୍ୟକ। ଆବଶ୍ୟକତା ଅନୁଯାୟୀ ଆକାର ପରିବର୍ତ୍ତନୀୟ। ଚାଷୀ ମାନେ ପ୍ଲାଷ୍ଟିକ ଡ୍ରମ୍ ମଧ୍ୟ ବ୍ୟବହାର କରିପାରିବେ।

**ଥର୍ମୋହାଇଗ୍ରୋମିଟର:** ଛତୁଘରର ଉତ୍ତାପ ଏବଂ ଆର୍ଦ୍ରତା ମପାଯାଇଥାଏ।

**ଜଳସେଚନ:** ଜଳର ସ୍ଥାୟୀ ଉତ୍ସରୁ ପାଇପ୍ କିମ୍ବା କ୍ଷୁଦ୍ର ଜଳସେଚନ ମାଧ୍ୟମରେ ଜଳସେଚନ।

## ଆବଶ୍ୟକୀୟ ନିତ୍ୟ ବ୍ୟବହାର୍ଯ୍ୟ ଉପାଦାନ :

**ପାଳ:** ଧାନ ପାଳରେ ଧିଙ୍ଗିରୀଛତୁ ଚାଷ ସମ୍ଭବ। ସମ୍ପୂର୍ଣ୍ଣ ଭାବେ ଶୁଖିଥିବା, ରୋଗ ପୋକ ନଥିବା, ବର୍ଷକ ମଧ୍ୟର (ବେଙ୍ଗଳା ପଡିଥିବା, ଟ୍ରାକ୍ଟର ମଡ଼ାଯାଇଥିବା, ଥ୍ରେସର୍ ଓ କମ୍ବାଇନ୍ ହାର୍ଭେଷ୍ଟର୍ ବ୍ୟବହାର ଦ୍ୱାରା ବାହାରୁଥିବା) ପାଳରେ ଧିଙ୍ଗିରୀଛତୁ ଚାଷ ଲଭଜନକ ଭାବେ କରାଯାଇପାରେ। ଏତଦ୍ ବ୍ୟତୀତ ଜିଲ୍ଲାରେ ଉପଲବ୍ଧ ମାଣ୍ଡିଆ, ଜହ୍ନା, ମକା, ଅଳସୀ ଡାଳ, ମକା କବ୍ ଇତ୍ୟାଦି ମଧ୍ୟ ଚାଷ ପାଇଁ ବ୍ୟବହାର କରାଯାଇପାରେ।

**ଛତୁ ବିହନ:** ଉପଯୁକ୍ତ ଅମଳ ପାଇବାକୁ ହେଲେ ଉନ୍ନତ ମାନର ଛତୁ ବିହନ ସଂଗ୍ରହ ସହିତ ବାୟୁମଣ୍ଡଳର ଆର୍ଦ୍ରତା ଓ ତାପମାତ୍ରା ଭିତ୍ତିକ କିସମ ଚୟନ ନିତ୍ୟାନ୍ତ ଆବଶ୍ୟକ। ଚାଷୀମାନେ ସର୍ବଦା ଏକ ସ୍ୱୀକୃତିପ୍ରାପ୍ତ ସଂସ୍ଥାରୁ ବିହନ ସଂଗ୍ରହ କରିବା ଉଚିତ୍। ଉଭୟ କାଚ ବୋତଲ ଓ ପଲିପ୍ରୋପିଲିନ୍ ରେ ପ୍ରସ୍ତୁତ ବିହନର ଜୈବଦକ୍ଷତା ସମାନ। ମାତ୍ର ପଲିପ୍ରୋପିଲିନ୍ ରେ ପ୍ରସ୍ତୁତ ବିହନ ନେବା ଆଣିବା ଓ କାମ କରିବା ପାଇଁ ସହଜ। ଗୋଟିଏ ଧିଙ୍ଗିରୀଛତୁ ବ୍ୟାଗ ପ୍ରସ୍ତୁତି ପାଇଁ ୩ ସପ୍ତାହରୁ ୧ ମାସର ସମ୍ପୂର୍ଣ୍ଣ ଧଳା ରଙ୍ଗ ଥିବା ୨୦୦ ଗ୍ରାମ୍ ଛତୁ ବିହନ (ଶୁଖିଲା ମାଧ୍ୟମର ୧୦ ପ୍ରତିଶତ) ଆବଶ୍ୟକ। ମାତ୍ର ଅନିଷ୍ଟକାରୀ ଫିମ୍ପି ଥିବା ବିହନ ଚାଷ ପାଇଁ ଅନୁପଯୁକ୍ତ।





**ଜୈବିକ ପରିପୂରକ:** ଗୋଟିଏ ଧିଙ୍ଗିରୀଛତୁ ବ୍ୟାଗ ପ୍ରସ୍ତୁତି ପାଇଁ ପୋକ ଲାଗିନଥିବା ୨୦୦ ଗ୍ରାମ ଦରସିଝା ଗହମ (ଶୁଖିଲା ମାଧ୍ୟମର ୧୦ ପ୍ରତିଶତ) ଆବଶ୍ୟକ। ଜୈବିକ ଖାଦ୍ୟ ବ୍ୟବହାର ନକଲେ ମଧ୍ୟ ଆଶାନୁରୂପ ଅମଳ ମିଳିଥାଏ।

**ପଲିଥିନ୍ କିମ୍ବା ପଲିପ୍ରୋପିଲିନ୍ ଥଳୀ:** ୮୦ ସେ.ମି. ଲମ୍ବ ଓ ୪୦ ସେ.ମି. ଓସାର ଯୁକ୍ତ ୧୫୦ ଗେଜ୍‌ର ଧଳାରଙ୍ଗର ଥଳୀଟିଏ ଆବଶ୍ୟକ। ଆବଶ୍ୟକତା ଅନୁଯାୟୀ ଥଳୀର ଆକାର ପରିବର୍ତ୍ତନୀୟ।

**ଚାଷ ପ୍ରଣାଳୀ :** ଆବଶ୍ୟକୀୟ ସାମଗ୍ରୀ ଓ ଖର୍ଚ୍ଚ (ବ୍ୟାଗ ପ୍ରତି):

| କ୍ର.ନଂ. | ସାମଗ୍ରୀ | ପରିମାଣ | ମୂଲ୍ୟ (ଟଙ୍କା) |
|---|---|---|---|
| ୧ | ଧାନ ପାଳ | ୨ କି.ଗ୍ରା. | ୬.୦୦ |
| ୨ | ଛତୁ ବିହନ | ୨୦୦ ଗ୍ରା. | ୨୦.୦୦ |
| ୩ | ଦରସିଝା ଗହମ | ୨୦୦ ଗ୍ରା. | ୬.୦୦ |
| ୪ | ପଲିଥିନ୍ କିମ୍ବା ପଲିପ୍ରୋପିଲିନ୍ ଥଳୀ (୮୦ ସେ.ମି. ଲମ୍ବ ଓ ୪୦ ସେ.ମି. ଓସାର) | ୧ ଟି | ୩.୦୦ |
| ୫ | ଶ୍ରମ ଓ ଅନ୍ୟାନ୍ୟ | - | ୧୫.୦୦ |
| | ସମୁଦାୟ ଖର୍ଚ୍ଚ = | | ୫୦.୦୦ |

**ପାଳ ପ୍ରକ୍ରିୟାକରଣ :**

ପାଳଗୁଡ଼ିକୁ ୧.୫ ରୁ ୨ ଇଞ୍ଚ କାଟି ପରିଷ୍କାର ଚୂନ ମିଶ୍ରିତ ପାଣିରେ (୧ରୁ୨ ପ୍ରତିଶତ) ୬ ଘଣ୍ଟା ବତୁରାଇବା ଆବଶ୍ୟକ। ବତୁରା ପାଳକୁ ଛାଣି ଗରମ ପାଣି କିମ୍ବା ବାଷ୍ପରେ ୧ ଘଣ୍ଟା ବିଶୋଧନ କରି ପରିଷ୍କାର ଛାଇ ଜାଗାରେ ଶୁଖାଇ ଦିଆଯାଏ, ଯେପରି ପାଳର ଆର୍ଦ୍ରତା ୬୫ ରୁ ୭୦ପ୍ରତିଶତ ରହିବ। ବିଶୋଧନ ପାଇଁ ଚାଷୀ ମାନେ ଫର୍ମାଲିନ୍, ବାଭିଷ୍ଟିନ୍ ବ୍ୟବହାର କରିବା ଅନୁଚିତ୍।

**ବ୍ୟାଗ ପ୍ରସ୍ତୁତି :**

ପ୍ରଥମେ ପଲିଥିନ୍ ଥଳୀର ଗୋଟିଏ ମୁଣ୍ଡକୁ ବାନ୍ଧି ଦିଆଯାଏ। ୨୦୦ ଗ୍ରାମ୍ ଛତୁ ବିହନ ଓ ୨୦୦ ଗ୍ରାମ୍ ଦରସିଝା ଗହମ କୁ ସମାନ ୪ ଭାଗ କରିଦିଆଯାଏ। ପ୍ରଥମ ସ୍ତରରେ ପ୍ରକ୍ରିୟାକୃତ ପାଳକୁ ୪ରୁ ୫ ଇଞ୍ଚ ବହଳ ପକାଇ ସାମାନ୍ୟ ଚାପି ୧ ଭାଗ (୫୦ ଗ୍ରାମ୍) ଛତୁ ବିହନ ଓ ୧ ଭାଗ (୫୦ ଗ୍ରାମ୍) ଦରସିଝା ଗହମକୁ ପାଳ ଉପରେ ବ୍ୟାଗର ଧାରକୁ ଲାଗି



ସମାନ ଭାବରେ ବୁଣି ଦିଆଯାଏ । ଏହିପରି ୨ୟ ଓ ୩ୟ ସ୍ତର କରିବାକୁ ପଡିଥାଏ ଏବଂ ୪ର୍ଥ ସ୍ତରରେ ୧ ଭାଗ ଛତୁ ବିହନ ଓ ୧ ଭାଗ ଗହମକୁ ପାଳର ସମସ୍ତ ଉପରିଭାଗରେ ବୁଣି ଦିଆଯାଏ । ୨ ଇଞ୍ଚ ବହଳରେ ପାଳ ଘୋଡ଼େଇ ପଲିଥିନ୍ ଥଳୀର ମୁହଁକୁ ବନ୍ଦ କରାଯାଏ ଏବଂ ପରିଷ୍କାର ଫୋଡଣିରେ ୧୦ ରୁ ୧୫ ଟି କଣା କରି ବ୍ୟାଗ୍ ଟିକୁ ଅପେକ୍ଷାକୃତ କମ୍ ଆଲୋକ ପଡୁଥିବା ସ୍ଥାନରେ କିମ୍ବା ଅନ୍ଧାର ଘରେ, ମୂଷା ନଥିବା ଘରେ ରଖିଦିଆଯାଏ ।

## ପରବର୍ତ୍ତୀ ଯତ୍ନ :

ବ୍ୟାଗ୍ ପ୍ରସ୍ତୁତିର ୧୫ରୁ ୧୭ ଦିନ ମଧ୍ୟରେ ଛତୁର ମାଇସେଲିଅମ ସମ୍ପୂର୍ଣ୍ଣ ପାଳକୁ ଆଚ୍ଛାଦିତ କରିଥାଏ । ପିଣ୍ଡୁଳାଟି ଧଳା ଓ ଟାଣ ହୋଇଯାଏ । ପଲିଥିନ୍‌ରୁ ପିଣ୍ଡୁଳାଟିକୁ ବାହାର କରି ଅଳ୍ପ ଆଲୋକ ଓ ବାୟୁ ଚଳାଚଳ କରୁଥିବା ସ୍ଥାନରେ ଝୁଲାଇ ଦିଆଯାଏ କିମ୍ବା ରଖି ଦିଆଯାଏ । ଉତ୍ତାପ ୨୪ରୁ ୨୬° ସେଣ୍ଟିଗ୍ରେଡ୍ ଓ ଆର୍ଦ୍ରତା ୮୦-୮୫ ପ୍ରତିଶତରେ ଛତୁ ଅମଳ ଭଲ ହୋଇଥାଏ । ଝୁଲାଇବାର ପରଦିନ ଠାରୁ ଉତ୍ତାପ ଓ ଆର୍ଦ୍ରତାକୁ ଦୃଷ୍ଟିରେ ରଖି ଦିନକୁ ଦୁଇ ଥର ପାଣି ସିଞ୍ଚନ କରାଯାଏ ।

## ଛତୁ ଅମଳ ଓ ବିକ୍ରୀ :



ପିଣ୍ଡୁଳାଟି ଝୁଲାଇବାର ୪-୫ ଦିନ ମଧ୍ୟରେ ଛୋଟ ଛୋଟ କଢ ମାନ ଚାରିପଟରୁ ବାହାରେ ଏବଂ ପରବର୍ତ୍ତୀ ୩-୪ ଦିନ ମଧ୍ୟରେ ସେଗୁଡିକ ଅମଳ ଉପଯୋଗୀ ହୋଇଥାଏ । ପ୍ରଥମ ପର୍ଯ୍ୟାୟ ଅମଳ ପରେ ପ୍ରତି ୭-୮ ଦିନ ବ୍ୟବଧାନରେ ଆଉ ୩ଟି ପର୍ଯ୍ୟାୟରେ ଛତୁ ଅମଳ ହୋଇଥାଏ । ତେବେ ବ୍ୟାଗ୍ ପିଛା ୨ରୁ ୨.୫ କି.ଗ୍ରା. ଛତୁ ଅମଳ କରାଯାଇପାରେ । ଧିଙ୍ଗିରୀଛତୁର ସମୁଦାୟ ଫସଲ ଚକ୍ର କିସମ ବିଶେଷରେ ୪୫ ରୁ ୬୦ ଦିନ ଏବଂ ଉତ୍ପାଦିକତା ଶକ୍ତି ୬୦ରୁ ୧୨୦ ପ୍ରତିଶତ । ଅମଳ ପରେ ସାଧାରଣ ପରିବେଶରେ ୨୪ରୁ ୪୮ ଘଣ୍ଟା ପର୍ଯ୍ୟନ୍ତ ରଖାଯାଇପାରେ । ଠିକ ସମୟରେ ପାଣିଦେବା ଓ ତୋଳିବା ନିତ୍ୟାନ୍ତ ଆବଶ୍ୟକ । ନଚେତ ଛତୁର ଅମଳ, ସ୍ୱାଦ, ଗୁଣ, ସଂରକ୍ଷଣ ମାନ, ବଜାର ଚାହିଦା କମିଯାଇଥାଏ । ତୋଳିବା ସମୟରେ ଛତୁର ଡେମ୍ଫକୁ ସାମାନ୍ୟ ମୋଡି ତୋଳାଯାଏ ଯେପରି ଡେମ୍ଫର ଭଙ୍ଗା ମୂଳ ଅଂଶ

ବ୍ୟାଗରେ ରହିବ ନାହିଁ ଓ ପାଖରେ ଥିବା ଛୋଟ କଢମାନ ସୁରକ୍ଷିତ ରହିବେ। ତୋଳିବା ପରେ ଡେମ୍ଫର ମୂଳକୁ ଛୁରୀ ରେ କାଟି ଆବଶ୍ୟକତା ଅନୁଯାୟୀ ପ୍ୟାକ୍ କରି ବିକ୍ରୀ କରାଯାଇଥାଏ।

### ଖର୍ଚ୍ଚ ଓ ଲାଭର ଅନୁପାତ:

| | | |
|---|---|---|
| ବ୍ୟାଗ୍ ପ୍ରତି ଖର୍ଚ୍ଚ | = | ଟ. ୫୦. ୦୦ |
| ବ୍ୟାଗ୍ ପ୍ରତି ଛତୁ ଆଦାୟ | = | ୨ କି.ଗ୍ରା. (ହାରାହାରି) |
| ବିକ୍ରୟ ମୂଲ୍ୟ | = | ଟ. ୧୦୦.୦୦ (କିଲୋ ପ୍ରତି ଦର ) |
| ବ୍ୟାଗ୍ ପ୍ରତି ନେଟ୍ ଲାଭ | = | ଟ.୧୫୦.୦୦ (ପ୍ରତି ୪ ବର୍ଗଫୁଟ୍ ସ୍ଥାନରୁ ) |
| ଖର୍ଚ୍ଚ ଓ ଲାଭ ର ଅନୁପାତ | = | ୧ :୩ |

ତେବେ ଜଣେ ସାଧାରଣ ଚାଷୀ ୩୦୦ ବର୍ଗଫୁଟ୍ ଘରେ ନିଜ ଅବସର ସମୟରେ ଓ ପରିବାରର ସଦସ୍ୟମାନଙ୍କ ସହଯୋଗରେ ୨୨୫ଟି ଧିଙ୍ଗିରୀ ଛତୁ ବ୍ୟାଗ୍ ପ୍ରସ୍ତୁତ କରି ୪୫ ଦିନରେ ଟ.୧୧,୨୫୦/- ଖର୍ଚ୍ଚ କରି ସହିତ ନେଟ୍ ଲାଭ ଟ.୩୩,୭୫୦/- ପାଇପାରିବେ।

## ପାଳଛତୁ ଚାଷ

କଳାହାଣ୍ଡି ଜିଲ୍ଲାରେ ପୁଆଲ୍ ଛତୁ ଚାଷ ନାମରେ ବେଶ୍ ପରିଚିତ। ଉକ୍ତ ଜିଲ୍ଲା ଜଳବାୟୁରେ ୮ମାସ (ମାର୍ଚ୍ଚରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ) ଲାଭଜନକଭାବେ କରାଯାଇପାରେ।

### ପାଳଛତୁର କିସମ :



ପାଳଛତୁର ବିଭିନ୍ନ କିସମ ମଧ୍ୟରେ ମୁଖ୍ୟତଃ ଭଲଭାରିଏଲା ଭଲଭାସିଆ (*Volvariella volvacea, strain-OSM 11*) କିସମଟି ବହୁଳ ଭାବରେ ଚାଷ କରାଯାଉଛି। ଏହା କଷରା ରଙ୍ଗର, ମାଂସଳ ଓ ଆକାରରେ ଅପେକ୍ଷାକୃତ ବଡ।

### ଆବଶ୍ୟକୀୟ ଜଳବାୟୁ:

୨୫ରୁ ୩୮° ସେଣ୍ଟିଗ୍ରେଡ୍ ତାପମାତ୍ରା, ୮୫ ପ୍ରତିଶତ ବା ଉର୍ଦ୍ଧ୍ୱ ଆର୍ଦ୍ରତା, ପର୍ଯ୍ୟାପ୍ତ ଆଲୋକ (୧୦୦୦ ଲକ୍ସ) ଏବଂ ବାୟୁ ଚଳାଚଳ କରୁଥିବା ସ୍ଥାନରେ ପାଳ ଛତୁ ଅମଳ ଭଲ ହୋଇଥାଏ। ତାପମାତ୍ରା ୪୦° ସେଣ୍ଟିଗ୍ରେଡ୍ ଅଧିକ ରହିଲେ ଅମଳ ହ୍ରାସ ପାଏ। ଛତୁ ପଟାଳୀ ଉପରେ ସିଧାସଳଖ ସୂର୍ଯ୍ୟକିରଣ ପଡ଼ିବା ଅନୁଚିତ୍।

## ଆବଶ୍ୟକୀୟ ସ୍ଥାୟୀ ଉପାଦାନ:

**ଛତୁ ଘର:** ପାଳଛତୁ ଚାଷ ସମ୍ପୂର୍ଣ୍ଣ ବାହାରେ (ଗଛ ଛାଇରେ ଯଥା-ଆମ୍ବ ତୋଟା, କଦଳୀ ବାଡି, ବାଉଁଶ ବଣ, ଝାଉଁ ବଣ, ନଡିଆ ବଗିଚା, ଚାକୁଣ୍ଡା ଜଙ୍ଗଲ ଇତ୍ୟାଦି) କିମ୍ବା ଆଂଶିକ ନିୟନ୍ତ୍ରିତ ପରିବେଶରେ (ଚାଳ ଛପରଘର, ଆକ୍ସେଷ୍ଟସ୍‌ଘର, ଛାୟାଘର) କିମ୍ବା ସମ୍ପୂର୍ଣ୍ଣ ନିୟନ୍ତ୍ରିତ ପରିବେଶରେ (ଅର୍ଦ୍ଧ କମ୍ପୋଷ୍ଟ ପ୍ରଣାଳୀ) କରାଯାଇପାରେ। ଜଣେ ସାଧାରଣ ଚାଷୀ ୩୦୦ ବର୍ଗଫୁଟ୍ ର (୨୫ ଫୁଟ୍ ଲମ୍ବ ଓ ୧୨ ଫୁଟ୍ ଓସାର) ଛତୁଘରଟିଏ କରି ଉକ୍ତ ଘରେ ୨ଟି ଭାଡି କରି ବ୍ୟବସାୟିକ ଭିତ୍ତିରେ ୧ ମାସରେ ୧୨୦ଟି ପାଳଛତୁ ପଟାଳି ଚାଷ କରିପାରିବେ।





**ଭାଡ଼ି ପ୍ରସ୍ତୁତି :** ଗୋଟିଏ ପାଳଛତୁ ପଟାଳି ରଖିବା ପାଇଁ ୨ ଫୁଟ୍ ଲମ୍ବ ଓ ୨ ଫୁଟ୍ ଓସାରର ବାଉଁଶ ବା କାଠର ଭାଡିଟିଏ ଆବଶ୍ୟକ ହୋଇଥାଏ। ଭାଡିର ଉଚ୍ଚତା ଭୂମିଠାରୁ ୬ ଇଞ୍ଚ ରୁ ୧୨ ଇଞ୍ଚ ମଧ୍ୟରେ ରହିବା ଉଚିତ। ୧ମ ଓ ୨ୟ ଭାଡି ମଧ୍ୟରେ ବ୍ୟବଧାନ ୨ ଫୁଟ୍ ରହିବା ସହିତ ୨ ଟି ପଟାଳି ମଧ୍ୟରେ ବ୍ୟବଧାନ ୧ ଫୁଟ୍ ରହିବା ଆବଶ୍ୟକ। ଚଳ ପ୍ରଚଳ କରିବା ପାଇଁ ଆବଶ୍ୟକୀୟ ଦୂରତା ରଖିବା ଉଚିତ।



**ପଟାଳି ପ୍ରସ୍ତୁତି ଫ୍ରେମ :** ହାଲୁକା ଟିଣ ଚାଦର, ଲୁହା ଚାଦର କିମ୍ବା କାଠରେ ୧.୫ଫୁଟ୍ ଲମ୍ବ, ୧.୫ ଫୁଟ୍ ଓସାର ଓ ୧.୫ ଫୁଟ୍ ଉଚ୍ଚତାରେ ଏକ ଫ୍ରେମ୍ ପ୍ରସ୍ତୁତ କରିବାକୁ ପଡିଥାଏ।

**ପାଳ ବତୁରାଇବା କୁଣ୍ଡ, ଥର୍ମୋହାଇଗ୍ରୋମିଟର, ଜଳସେଚନ:** ପୂର୍ବରୁ ଧିଙ୍ଗିରୀ ଛତୁ ଚାଷରେ ଏହି ବିଷୟରେ ବର୍ଣ୍ଣନା କରାଯାଇଛି।

## ଆବଶ୍ୟକୀୟ ନିତ୍ୟ ବ୍ୟବହାର୍ଯ୍ୟ ଉପାଦାନ :

**ପାଳ:** ସମ୍ପୂର୍ଣ୍ଣଭାବେ ଶୁଖିଥିବା, ରୋଗପୋକ ନଥିବା, ବର୍ଷକ ମଧ୍ୟର ଧାନ ପାଳରେ ପାଳଛତୁ ଚାଷ କରାଯାଇପାରିବ। ଶୁଖିଲା କଦଳୀପତ୍ରରେ ମଧ୍ୟ ପାଳଛତୁ ଚାଷ କରାଯାଇ ପାରେ।

**ଛତୁ ବିହନ :** ପୂର୍ବରୁ ଧିଙ୍ଗିରୀ ଛତୁ ଚାଷରେ ଏହି ବିଷୟରେ ବର୍ଣ୍ଣନା କରାଯାଇଛି। ତେବେ ଗୋଟିଏ ପାଳଛତୁ ପଟାଳି ପ୍ରସ୍ତୁତି ପାଇଁ ସଂପୂର୍ଣ୍ଣ ଫିମ୍ପି ମାଡିଥିବା ଧଳା ବା ଈଷତ୍ ବାଦାମି ରଙ୍ଗର ୨୦୦ ଗ୍ରାମ୍ (ଶୁଖିଲା ମାଧ୍ୟମର ୩ ପ୍ରତିଶତ) ଛତୁ ବିହନ ଆବଶ୍ୟକ।

**ଜୈବିକ ପରିପୂରକ:** ମାଇସେଲିୟମ୍ ବୃଦ୍ଧିପାଇଁ ପୁଷ୍ଟିସାର ଜାତୀୟ ଖାଦ୍ୟ (ଯେକୌଣସି ଡାଲି ଗୁଣ୍ଡ) ବିହନ ସହିତ ପଟାଳିରେ ପ୍ରୟୋଗ କରାଯାଏ। ମାତ୍ର ପୋକ ଲାଗିନଥିବା ୨୦୦ ଗ୍ରାମ୍ (ଶୁଖିଲା ମାଧ୍ୟମର ୩ ପ୍ରତିଶତ) ଚୋପାଲଗା ବୁଟର ଖଦଡା ଗୁଣ୍ଡ ବ୍ୟବହାର ଦ୍ୱାରା ଅମଳ ବୃଦ୍ଧି ପାଇଥାଏ।

**ପଲିଥିନ୍ ଚାଦର:** ଗୋଟିଏ ପାଳଛତୁ ପଟାଳି ଢାଙ୍କିବା ପାଇଁ ୬ ଫୁଟ୍ ଲମ୍ବ ଓ ୬ ଫୁଟ୍ ଓସାରର ଧଳା ଜରି ଚାଦରଟିଏ ଆବଶ୍ୟକ।

**ଚାଷ ପ୍ରଣାଳୀ :** ଆବଶ୍ୟକୀୟ ସାମଗ୍ରୀ ଓ ଖର୍ଚ୍ଚ (ପଟାଳି ପ୍ରତି):

| କ୍ର.ନଂ. | ସାମଗ୍ରୀ | ପରିମାଣ | ମୂଲ୍ୟ (ଟଙ୍କା) |
|---|---|---|---|
| ୧ | ଧାନ ପାଳ | ୭କି.ଗ୍ରା. | ୨୧.୦୦ |
| ୨ | ଛତୁ ବିହନ | ୨୦୦ ଗ୍ରା. | ୨୦.୦୦ |
| ୩ | ଡାଲି ଗୁଣ୍ଡ | ୨୦୦ ଗ୍ରା. | ୧୪.୦୦ |
| ୪ | ଶ୍ରମ ଓ ଅନ୍ୟାନ୍ୟ | - | ୨୫.୦୦ |
| | ସମୁଦାୟ ଖର୍ଚ୍ଚ = | | ୮୦.୦୦ /- |

## ପାଳ ପ୍ରକ୍ରିୟାକରଣ :

ପାଳଗୁଡିକୁ ପରିଷ୍କାର ଚୂନ ମିଶ୍ରିତ ପାଣିରେ (୧-୨ ପ୍ରତିଶତ) ୬ ଘଣ୍ଟା ବତୁରାଇବା ଆବଶ୍ୟକ। ବତୁରା ପାଳକୁ ଛାଣି ଗରମ ପାଣି କିମ୍ବା ବାଷ୍ପରେ ୧ ଘଣ୍ଟା ବିଶୋଧନ କରି ପରିଷ୍କାର ଛାଇ ଜାଗାରେ ଶୁଖାଇ ଦିଆଯାଏ, ଯେପରି ପାଳର ଆର୍ଦ୍ରତା ୬୫ ରୁ ୭୦ପ୍ରତିଶତ ରହିବ। ଅର୍ଥାତ୍ ପାଳକୁ ଚିପୁଡିଲେ ପାଣି ବାହାରିବ ନାହିଁ, ମାତ୍ର ହାତ ପାପୁଲି ଓଦା ରହିବ। ବିଶୋଧନ ପାଇଁ ଚାଷୀମାନେ କୌଣସି ରାସାୟନିକ ଉପଚାର କରିବା ଅନୁଚିତ୍।

## ପଟାଳି ପ୍ରସ୍ତୁତି :

୨୦୦ ଗ୍ରାମ୍ ଛତୁ ବିହନ ପିଣ୍ଡଟିକୁ ଛୋଟ ଛୋଟ ଖଣ୍ଡ (୧ଇଞ୍ଚ) କରି ସମାନ ୪ ଭାଗ କରାଯାଏ। ୨୦୦ ଗ୍ରାମ୍ ଡାଲି ଗୁଣ୍ଡକୁ ସମାନ ୪ ଭାଗ କରାଯାଏ। ପୂର୍ବ ପ୍ରସ୍ତୁତ ଭାଡି ଉପରେ ପଟାଳି ପ୍ରସ୍ତୁତି ଫ୍ରେମ୍ ଟିକୁ ରଖି କିମ୍ବା ଚଟାଣରେ ରଖି ୧ମ ସ୍ତରରେ ପ୍ରକ୍ରିୟାକୃତ



ପାଳକୁ ୫ ଇଞ୍ଚ ବହଳ ବିଛାଇ ସାମାନ୍ୟ ଚାପି ଦିଆଯାଏ। ପାଳ ଉପରେ ଧାରରୁ ୩ ଇଞ୍ଚ ଭିତରକୁ ଏବଂ ୩ ଇଞ୍ଚ ବ୍ୟବଧାନରେ ୫୦ ଗ୍ରାମ୍ ଛତୁ ବିହନ ଖଣ୍ଡ ଗୁଡ଼ିକୁ ଗୋଟି ଗୋଟି କରି ରଖାଯାଏ ଓ ୫୦ ଗ୍ରାମ୍ ଡାଲି ଗୁଣ୍ଡକୁ ମଞ୍ଜି ଖଣ୍ଡ ଗୁଡ଼ିକ ଉପରେ ସମାନ ଭାବରେ ବୁଣିଦିଆଯାଏ। ଏହିପରି ୨ୟ ସ୍ତରଟି କରାଯାଏ। ୩ୟ ସ୍ତରରେ ଅବଶିଷ୍ଟ ୧୦୦ ଗ୍ରାମ୍ ବିହନ ଓ ୧୦୦ ଗ୍ରାମ୍ ଡାଲି ଗୁଣ୍ଡ ପାଳର ଚାରି କଡ ଓ ମଝିରେ ପ୍ରୟୋଗ କରାଯାଏ। ୪ର୍ଥ ସ୍ତରରେ ୩ ଇଞ୍ଚ ବହଳରେ ପାଳ ଦେଇ ପଲିଥିନ୍ ଚାଦରକୁ ଘୋଡାଇ ଦିଆଯାଏ।

## ପରବର୍ତ୍ତୀ ଯତ୍ନ :

ପଟାଳି ପ୍ରସ୍ତୁତିର ୭ରୁ ୮ ଦିନ ମଧ୍ୟରେ ମାଇସେଲିୟମ୍ ବୃଦ୍ଧି ଶେଷ ହୁଏ। ୯ରୁ ୧୦ ଦିନ ମଧ୍ୟରେ ସାଗୁଦାନା ପରି କଢ ଦେଖାଯାଏ। ଛତୁ ଫଳିବା ସମୟରେ ପର୍ଯ୍ୟାପ୍ତ ଆଲୋକ ଓ ଅମ୍ଳଜାନ ଆବଶ୍ୟକ ହୋଇଥାଏ। ଉତ୍ତାପ ୩୨ରୁ ୩୪° ସେଣ୍ଟିଗ୍ରେଡ୍, ଆର୍ଦ୍ରତା ୮୫ ପ୍ରତିଶତରୁ ଊର୍ଦ୍ଧ୍ୱ ରହିଲେ ଛତୁ ଅମଳ ଭଲ ହୋଇଥାଏ।

## ଛତୁ ଅମଳ ଓ ବିକ୍ରୀ :

ପାଗ ଅନୁକୂଳ ଥିଲେ ୧୪ରୁ ୧୫ ଦିନ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଛତୁ ଅମଳ (୮୦ ପ୍ରତିଶତ) ହୋଇଥାଏ। ତେବେ ପଟାଳିପ୍ରତି ହାରାହାରି ୭୦୦ ଗ୍ରାମ୍‌ରୁ ୧ କି.ଗ୍ରା. ଛତୁ ଅମଳ କରାଯାଇ ପାରେ। ସଂରକ୍ଷଣ ମାନ ୧୨ ଘଣ୍ଟା, ଉତ୍ପାଦିକତା ଶକ୍ତି ୧୦ରୁ ୧୫ ପ୍ରତିଶତ। ଫୁଟା ଛତୁରେ ତନ୍ତୁ ତଥା ଚର୍ବିଜାତୀୟ ଉପାଦାନର ପରିମାଣ ଅଧିକ। ତେବେ କଢ ଅବସ୍ଥାରେ ଛତୁ ଅମଳ କରିବା ଆବଶ୍ୟକ।

## ଖର୍ଚ୍ଚ ଓ ଲାଭର ଅନୁପାତ:

ପଟାଳି ପ୍ରତି ଖର୍ଚ୍ଚ = ଟ. ୮୦. ୦୦

ପଟାଳି ପ୍ରତି ଛତୁ ଆଦାୟ = ୮୦୦ ଗ୍ରା. (ହାରାହାରି)

ବିକ୍ରୟ ମୂଲ୍ୟ = ଟ. ୨୦୦.୦୦ (କିଲୋ ପ୍ରତି ଦର )

ପଟାଳି ପ୍ରତି ନେଟ୍ ଲାଭ = ଟ.୮୦.୦୦ (ପ୍ରତି ୧୦ ବର୍ଗଫୁଟ୍ ସ୍ଥାନରୁ )

ଖର୍ଚ୍ଚ ଓ ଲାଭର ଅନୁପାତ = ୧:୧

ତେବେ ଜଣେ ସାଧାରଣ ଚାଷୀ ୩୦୦ ବର୍ଗଫୁଟ ଘରେ ୧୨୦ଟି ପାଳଛତୁ ପଟାଳି ପ୍ରସ୍ତୁତକରି ୧ମାସରେ ଟ.୯୬୦୦/- ଖର୍ଚ୍ଚ କରି ନେଟ୍‌ଲାଭ ଟ.୯୬୦୦/- ପାଇପାରିବେ।